# Akashvani, Sambalpur

## SAMBALPURI NEWS BULLETIN

### 22 January 2026 – 6.47- 6.52 am.

**************************************************

ସୁଭଦ୍ରା ସାହାଜ୍ ଆଇ.ଆଣ୍ଡ୍.ପି.ଆର୍

ସୁଭଦ୍ରା ଯୋଜ୍‌ନାଥି ଆଏଜ୍ ରାଜ୍ୟର୍ ୪ ଲାଖ୍ ୫୭ ହଜାର୍ ନୁ ଅଏତ୍‌କା ମହିଳା ଙ୍କୁ ୩ ଶହ ୧୫ କୋଟିନୁ ଅଏତ୍‌କା ଟଙ୍କାର୍ ଆର୍ଥିକ୍ ସାହାଜ୍ ୟୁଗେଇ ଦିଆଯିବା । ଇଥି ୧ ଲାଖ୍ ୭୮ ହଜାର୍ ୩ ଶହ ୯୮ ଝନ୍ ନୂଆଁ ହିତାଧିକାରୀ ଅଛନ୍ । ଭୁବ୍‌ନେଶ୍ୱର୍ ଓୟୁଏଟି ଶିକ୍ଷା ସଦନ୍ ପରିସର୍ ନ ଦିନର୍ ସାଢ଼େ ୧୦ ବଜେ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ହିତାଧିକାରୀମାନ୍‌କୁ ସାହାଜ୍ ଟଙ୍କା ବାଂଟ୍‌ବେ ।

ପାଣି ପଂଚାୟତ ପକ୍ଷ ଆଇ.ଆଣ୍ଡ୍.ପି.ଆର୍

ଜଲ୍‌ସମ୍ପଦ୍ ବିଭାଗ୍ ତରଫୁ ଚାଲିଥିବା ପାଣି ପଂଚାୟତ ପକ୍ଷ ୨୦୨୬ ଆଏଜ୍ ଉଦ୍‌ଯାପିତ୍ ହେବା । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ଉଦ୍‌ଯାପନୀ

ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ପ୍ରମୁଖ ଉପସ୍ଥିତ୍ ରହେବାର୍ କାର୍ଯ୍ୟସୂଚୀ ରହିଛେ ।

କୃଷି ଓଡ଼ିଶା ସମ୍ମିଳନୀ ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ବରମୁଣ୍ଡା ପଡ଼ିଆ ନ ଆଏଜ୍‌ଠାନୁ କୃଷି ଓଡ଼ିଶା -୨୦୨୬ ସମ୍ମିଳନୀର୍ ଶୁଭାରମ୍ଭ ହେବା । ସମ୍ମିଳନୀ ୩ ଦିନ୍ ତକ୍ ଚାଲ୍‌ବା । ଇ ବଛର୍ ସମ୍ମିଳନୀଥି ଜଲ୍‌ବାୟୁ ଅନୁକୂଳ ମିସିନ୍ ଆକର୍ଷଣ୍ ସାଜ୍‌ବା । ସମ୍ମିଳନୀଥି ୧୫ ହଜାର୍‌ନୁ ଅଏତ୍‌କା ଚାଷୀ ଯୋଗ୍ ଦେବେ । ୬୦ ଝନ୍ ଜାତୀୟ ଅନ୍ତର୍ଜାତୀୟ ସ୍ତରର୍ ନାଁକରା ବୈଜ୍ଞାନିକ୍ ଆଉ ବକ୍ତା ସାମିଲ୍ ହେବେ । ୧୨ ଟା ବୈଷୟିକ ଅଧିବେଶନ୍‌ଥି ଓଡ଼ିଶା ନ କୃଷିର୍ ଏଛ୍‌ନିର୍ ଥିତି ପ୍ରଦର୍ଶନ୍ କରାଯିବା ବଲି ଗଲାକାଏଲ୍ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ସାମ୍ବାଦିକ୍‌ମାନ୍‌କୁ ସୂଚ୍‌ନା ଦେଇଛନ୍ ।

ମୁଖ୍ୟ ଶାସନ୍ ସଚିବ -ପ୍ରକଳ୍ପ ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ପ୍ରମୁଖ ଭିତିଭୂମି ପ୍ରକଳ୍ପର୍ କାର୍ଯ୍ୟାନ୍ୱୟନ୍ ଆଉ ତାକେ ନେଇକରି ରହୁଥିବା ସମସ୍ୟା ବାବ୍‌ଦେ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଗଲାକାଏଲ୍ ସମୀକ୍ଷା କରିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା

ସମୀକ୍ଷା ବୈଠକ୍‌ଥି ଭିନ୍ ଭିନ୍ ବିଭାଗ୍‌ର ସଚିବ ଆଉ ଜିଲ୍ଲାପାଲ୍ ମାନେ ଆଭାସୀ ଜରିଏ ଯୋଗ୍ ଦେଇଥିଲେ । ମୁଖ୍ୟ ଶାସନ୍ ସଚିବ ଭିତିଭୂମି ପ୍ରକଳ୍ପ ମାନ୍‌କର୍ ସମୀକ୍ଷା କରିକରି ଧାରିଜ୍ ସମିଆ ଭିତ୍‌ରେ ସେସବୁକେ ସାର୍‌ବାର୍ ଲାଗି ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇଥିର୍‌ଲାଗି ଅଧିକାରୀମାନେ ମଝିମଝିଥି କାମ୍ କାଜ୍ ଅଗ୍ରଗତିର୍ ସମୀକ୍ଷା କର୍‌ବାର୍‌କେ ସେ ପରାମର୍ଶ ଦେଇଛନ୍ ।

ପଂଚାୟତିରାଜ୍ ମନ୍ତ୍ରୀ ସମୀକ୍ଷା ଆଇ.ଆଣ୍ଡ୍.ପି.ଆର୍

ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍‌ଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ବିଭାଗ୍‌ର ଭିନ୍ ଭିନ୍ ଉନ୍ନୟନ୍ ପ୍ରକଳ୍ପର୍ ଅଗ୍ରଗତିର୍ ସମୀକ୍ଷା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଚଲିତ୍ ଆର୍ଥିକ୍ ବଛ୍‌ରେ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନା, ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା ସହେତେ ଗ୍ରାମୀଣ ଗୃହ ନିର୍ମାଣ ଆଉ ଗ୍ରାମୀଣ୍ ଜଲ୍ ଯୋଗାଣ ଯୋଜ୍‌ନାର୍ ପ୍ରକଳ୍ପ ଭିତିକ୍ ବଜେଟ୍ ବିନିଯୋଗ୍ ବାବ୍‌ଦେ ସମୀକ୍ଷା କରାଯାଇଛେ ।

ତମାଖୁ ଦରବ୍ କଟ୍‌କନା ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟ ସରକାର୍ ଗଲାକାଏଲ୍ ଗୁଟ୍ଖା, ପାନ୍‌ମସ୍‌ଲା, ଜର୍ଦା, ଖଇନୀ, ତମାଖୁ ଆଉ ନିକୋଟିନ୍ ଯୁକ୍ତ ସବୁପ୍ରକାର୍ ଦରବ୍‌ର ଉପ୍ତାଦନ୍, ପ୍ରସ୍ତୁତି, ପେକେଜିଂ, ବିକ୍ରିବଟା ଉପ୍‌ରେ କଟ୍‌କନା ଜାରି କରିଛନ୍ । ସୁପ୍ରିମ୍‌କୋର୍ଟଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ଜନସ୍ୱାସ୍ଥ୍ୟ ସୁରକ୍ଷାକେ ନଜର୍‌ଥି ରଖିକରି ରାଜ୍ୟସର୍‌କାର୍ ଇ ପଦକ୍ଷେପ୍ ନେଇଥିବା ଜନାପଡ଼ିଛେ । ଇ ପ୍ରତିବନ୍ଧକ୍ ଖାଦ୍ୟ ସୁରକ୍ଷା ଆଉ ମାନକ ଆଇନ୍-୨୦୦୬ ଆଉ ଖାଦ୍ୟ ସୁରକ୍ଷା ଆଉ ମାନକ -ବିକ୍ରି କଟ୍‌କନା ଆଉ ନିୟନ୍ତ୍ରଣ ଅଧିନିୟମ୍- ୨୦୧୧ ଅନ୍‌ସାରେ ଜାରି କରାଯାଇଛେ ।

ପ୍ରଗତି-ଓଡ଼ିଶା        ପି.ଆଇ.ବି.

କେନ୍ଦ୍ର ସରକାରଙ୍କର୍ ପ୍ରଗତି ପ୍ଲାଟ୍‌ଫର୍ମ ଜରିଏ ୨୦୨୪ ଜୁନ୍ ମାସ୍‌ନୁ ୨୦୨୫ ଡିସେମ୍ବର୍ ମାସ୍ ଭିତ୍‌ରେ ଓଡ଼ିଶାର୍ ୫୯ ହଜାର୍ ୪ ଶହ ୩୫ କୋଟି ଟଙ୍କାର୍ ୮ ଟା ପ୍ରମୁଖ ପ୍ରକଳ୍ପକେ ନେଇକରି ଥିବା ୧୧ ଟା ସମସ୍ୟାର୍ ସମାଧାନ୍ କରାଯାଇଛେ । ୨୦୨୫ ମସିହା ଅଗଷ୍ଟ ୧୧ ତାରିଖ୍ ହେଇଥିବା ୪୯ ନମ୍ବର୍ ପ୍ରଗତି ବୈଠକ୍‌ଥି ରାଏଜେ ଉନ୍ନୟନ୍ ପ୍ରକଳ୍ପ ମାନ୍‌କର୍ ସୁରଖୁରୁଥି କାର୍ଯ୍ୟାନ୍ୱୟନ ଲାଗି ଓଡ଼ିଶା ସର୍‌କାର୍ ରାଜ୍ୟସ୍ତରୀୟ ପ୍ରୋଜେକ୍ଟ ମନିଟରିଂ ଗ୍ରୁପ୍- ପିଏମ୍‌ଜି ବ୍ୟବସ୍ଥା ଲାଗୁ କରିଥିଲେ । ପିଏମ୍‌ଜି ପୋର୍ଟାଲ୍ ଜରିଏ କେନ୍ଦ୍ର ଆଉ ରାଜ୍ୟ

ସର୍କାର୍ଙ୍କର୍ ସବୁପ୍ରକଳ୍ପର୍ ତଥ୍ୟ ସୁରକ୍ଷିତ୍ ଭାବେ ରଖାଯାଇକରି ତଦାରଖ୍ କରାଯାଏସି ।

ନିର୍ବାଚନ୍ ପରିଚାଳନା ସମ୍ମିଳନୀ          ଆଇ.ଆଣ୍ଡ୍.ପି.ଆର୍

ଭାରତୀୟ ନିର୍ବାଚନ୍ ଆୟୋଗ୍- ଇସିଆଇ ତର୍ଫୁ ନୂଆଦିଲ୍ଲୀର୍ ଭାରତ ମଣ୍ଡପମ୍ ନ ଗଲାକାଏଲ୍ଠାନୁ ୩ ଦିନିଆ ଅନ୍ତର୍ଜାତୀୟ ଗଣତନ୍ତ୍ର ଆଉ ନିର୍ବାଚନ୍ ପରିଚାଳନା ସମ୍ମିଳନୀ-୨୦୨୬ ମୁଲ୍ ହେଇଛେ । ସମ୍ମିଳନୀଥି ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ୍ କୁମାର୍, ନିର୍ବାଚନ ଆୟୁକ୍ତ ଡକ୍ଟର୍ ସୁଖବୀର ସିଂ ସାନ୍ଧୁ ଆଉ ଡକ୍ଟର୍ ବିବେକ୍ ଯୋଷୀ ଯୋଗ୍ ଦେଇକରି ୬୦ ଝନ୍ ଅନ୍ତର୍ଜାତୀୟ ପ୍ରତିନିଧିଙ୍କୁ ସ୍ୱାଗତ୍ କରିଥିଲେ । ଉଦ୍‌ଘାଟନୀ ସଭାଥି ହଜାରେ ଝନ୍ ଅତିଥି, ୪୨ ଟା ନିର୍ବାଚନ୍ ପରିଚାଳନା ସଂସ୍ଥା, ୨୭ ଟା ଦେଶର୍ ରାଜଦୂତ ଆଉ ଉଚ୍ଚାୟୁକ୍ତ, ୭୦ ନୁ ଅଏତ୍କା ଜାତୀୟ ସଂସ୍ଥାର୍ ବିଶେଷଜ୍ଞ ଆଉ ଭିନ୍ ଭିନ୍ ରାଜ୍ୟର୍ ୩୬ ଝନ୍ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଯୋଗ୍ ଦେଇଥିଲେ ।

ମନ୍ କି ବାତ୍          ଆର୍ଏନ୍ୟୁ/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ ।

ବିଶ୍ୱ ଆଥ୍‌ଲେଟିକ୍ ଇନ୍‌ଡୋର୍ ଚାମ୍ପିଅନ୍‌ସିପ୍   ଆଇ.ଆଣ୍ଡ୍.ପି.ଆର୍

୨୦୨୮ ବିଶ୍ୱ ଆଥ୍‌ଲେଟିକ୍ ଇନ୍‌ଡୋର୍ ଚାମ୍ପିଅନ୍‌ସିପ୍ ଖେଲ୍ ଆୟୋଜନ୍ ଲାଗି ହେବାର୍‌କେ ଥିବା ବିଟ୍ ପ୍ରକ୍ରିୟାଥି ଇଥର ଭାରତ୍ ଭିଲ୍ ସାମିଲ୍ ହେବା । ଇଥିର୍‌ଲାଗି ବିଶ୍ୱ ଆଥ୍‌ଲେଟିକ୍ସ ଆର୍ ଭାରତ ଆଥ୍‌ଲେଟିକ୍ସ ମହାସଂଘର୍ ଗୁଟେ ପ୍ରତିନିଧି ଦଲ୍ ଗଲାକାଏଲ୍ ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ପରିଦର୍ଶନ୍ କରିଛନ୍ । ସେମାନେ ଷ୍ଟାଡ଼ିୟମ୍ ଭିତ୍‌ରେ ଥିବା ଇଡ଼୍‌ଡୋର୍ ଆଥ୍‌ଲେଟିକ୍ ସେଂଟର୍ ଆର୍ ଅଲ୍‌ଗା ସୁବିଧା ତଦାରଖ୍ କରିଥିଲେ । ତାର୍ ଉତ୍‌ରୁ କ୍ରୀଡ଼ା ଆଉ ଯୁବବ୍ୟାପାର୍ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଗୁଟେ ବୈଠକ୍‌ଥି ସାମିଲ୍ ହେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପର୍ଶ୍ଚିମାଝଡ଼୍ ପ୍ରଭାବ୍‌ଥି ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୪/୫ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ରାଜ୍ୟର୍ ୧୦ ଟା ଜାଗା ନ ହାଲ୍‌କାନୁ ମଧ୍ୟମ୍ କୁହୁଡ଼ି ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।